**ସଂକ୍ଷେପରେ**

### ବିଜୁ ପଟ୍ଟନାୟକ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ
## ସେମିରେ ରାମେଶ୍ୱର ସ୍ପୋର୍ଟିଂ



ବ୍ରହ୍ମପୁର ଅଫିସ,୩।୩: ବ୍ରହ୍ମପୁର ଖଲ୍ଲିକୋଟ କଲେଜ ଖେଳପଡିଆରେ ଚାଲିଥିବା ବିଜୁ ପଟ୍ଟନାୟକ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଷଷ୍ଠ ଦିବସ ବିତିଛି। ଏଥିରେ ଖେଳାଯାଇଥିବା ବି ଗ୍ରୁପର ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚରେ ରାମେଶ୍ୱର ସ୍ପୋର୍ଟିଂ କ୍ଲବ ଓ ରାଉରକେଲା ଜିମ୍‌ଖାନା ମଧ୍ୟରେ ମୁକାବିଲା ହୋଇଥିଲା। ଜିମ୍‌ଖାନା ପ୍ରଥମେ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ୩୯.୧ ଓଭରରେ ୧୦ ଉଇକେଟ ହରାଇ ୨୨୩ ରନ୍ କରିଥିଲା। ପ୍ରଥମ ଇନିଂସ୍‌ରେ ଦଳ ପକ୍ଷରୁ ସ୍ୱସ୍ତିକ ସାମଲ ୫୯ ବଲ ଖେଳି ସର୍ବାଧିକ ୭୮ ରନ୍ ସଂଗ୍ରହ କରିଥିଲେ। ପରବର୍ତ୍ତୀ ଇନିଂସ୍‌ରେ ରାମେଶ୍ୱର ସ୍ପୋର୍ଟିଂ ଦଳ ୩୯ ଓଭରରେ ୫ ଉଇକେଟ ହରାଇ ୨୨୫ ରନ୍ କରି ମ୍ୟାଚକୁ ବାଜିମାତ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ ଭାବେ ଦିବ୍ୟ ସାହୁ ବିବେଚିତ ହୋଇଥିଲେ। ଅମ୍ପାୟର ଭାବେ ପ୍ରସନ୍ନ ପାଢୀ ଓ ସମ୍ବିତ କୁମାର ହାତୀ ଏବଂ ସ୍କୋରର ରୋହନ୍ ମଣ୍ଡଳ ଓ ଅମ୍ବିକା ପ୍ରସାଦ ପାଣିଗ୍ରାହୀ ମ୍ୟାଚ ପରିଚାଳନା କରିଥିଲେ। କମେଣ୍ଟେଟର ଭାବେ ପ୍ରଦୀପ ମହାଙ୍କୁଡ ପରିଚାଳନାରେ ସହଯୋଗ କରିଥିଲେ। ମୁଖ୍ୟଅତିଥି ଭାବେ ଆଲଫା କ୍ଲବ ସମ୍ପାଦକ ବିଜୟ ଭାସ୍କର ସିଂସାମନ୍ତ ଯୋଗ ଦେଇଥିଲେ।

## କଲେଜସ୍ତରୀୟ କମିଟି ଗଠିତ

ସୋରଡା,୩।୩(ଡି.ଏନ୍.ଏ.)- ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଋଷିକୁଲ୍ୟା ସ୍ନାତକ ମହାବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ମହାବିଦ୍ୟାଳୟ ପରିସରରେ ସମାବେଶ ହୋଇଥିଲା। ଏଥିରେ ଅଧକ୍ଷ ରମେଶ ଚନ୍ଦ୍ର ପାଢୀ ସଭାପତିତ୍ୱ କରିଥିବାବେଳେ ଅଧାପକ ହୃଷୀକେଶ ମିଶ୍ର, ସୟଦ୍ ଆଜ୍‌ମି, ସୁଧାଂଶୁ ପଣ୍ଡା ଉପସ୍ଥିତ ରହି ମୋ' କଲେଜ ଅଭିଯାନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। କଲେଜ ଜମିକୁ ନେଇ ଲାଗି ରହିଥିବା ବିବାଦ ସମ୍ପର୍କରେ ସବିଶେଷ ଆଲୋଚନା ହୋଇଥିଲା। ୧୧ ଏକର ଜମିକୁ ଋଷିକୁଲ୍ୟା ଉଚ୍ଚ ମାଧମିକ ବିଦ୍ୟାଳୟ ଓ ଋଷିକୁଲ୍ୟା ସ୍ନାତକ ମହାବିଦ୍ୟାଳୟ ମଧ୍ୟରେ ବାଣ୍ଟିବାକୁ ବ୍ୟବସ୍ଥା ପାଇଁ ସବୁଛାତ୍ର କହିଥିଲେ। ଏହି ଅବସରରେ ଅମ୍ବିକା ଦାଶ, ତାରିଣୀ ଚରଣ ମହାରଣା, ଭଗବାନ ସାହୁ, ସନ୍ତୋଷ ମହାରଣା, ବସନ୍ତ ସ୍ୱାଇଁ, ପିଙ୍କୁ ଅଧିକାରୀ, ଅଶୋକ ପ୍ରଧାନ, ମଙ୍ଗୁଲୁ ସାହୁ, ତାରାପ୍ରସାଦ ପାଢୀ ପ୍ରମୁଖ ୨୩ଜଣଙ୍କୁ ନେଇ କଲେଜ ସ୍ତରୀୟ କମିଟି ଗଠନ କରାଯାଇଥିଲା। କଲେଜ ଜମିକୁ ଭାଗ କରିବାକୁ ପରିଚାଳନା କମିଟି ସଭାପତି ତଥା ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜଙ୍କୁ ଭେଟି ଅନୁରୋଧ ପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଥିଲା।

# ବିଏମ୍‌ସିର ହୋଲ୍‌ଡିଂ ଟିକସ ବୃଦ୍ଧିକୁ ବିରୋଧ

- ଓକିଲଙ୍କ ପକ୍ଷରୁ ଆର୍‌ଡିସିଙ୍କୁ ଦାବିପତ୍ର
- କାର୍ଯ୍ୟକାରୀ କରା ନ ଯାଉ ୟୁଜର୍ସ ଫି

ବ୍ରହ୍ମପୁର ଅଫିସ,୩।୩

ବ୍ରହ୍ମପୁର ମହାନଗର ନିଗମର ପ୍ରସ୍ତାବିତ ହୋଲଡିଂ ଟିକସ ବୃଦ୍ଧି ଏବଂ ପ୍ରତ୍ୟେକ ଘରୁ ମାସିକ ୫୦ ଟଙ୍କା ୟୁଜର୍ସ ଫି ଆଦାୟକୁ ତୀବ୍ର ବିରୋଧ ସହ ନିଷ୍ପତ୍ତି ପ୍ରତ୍ୟାହାର ପାଇଁ ଦାବି କରାଯାଇଛି। ଏହି ମର୍ମରେ ଆଇନଜୀବୀଙ୍କ ପକ୍ଷରୁ ମଙ୍ଗଳବାର ଦକ୍ଷିଣାଞ୍ଚଳ ଆରଡିସିଙ୍କୁ ସ୍ମାରକପତ୍ର ଦିଆଯାଇଛି। ବରିଷ୍ଠ ଓକିଲ ସୁଧାଂଶୁ ଶେଖର ପଣ୍ଡା, ପୀତବାସ ପଣ୍ଡା, ଦୀପକ ପଟ୍ଟନାୟକ, ଅଶୋକ ଶୁକ୍ଳ, ପ୍ରଦୀପ କୁମାର ବେହେରା ଓ ମନୋଜ ପଟ୍ଟନାୟକ ଏକାଠି ହୋଇଥିଲେ। ପ୍ରସ୍ତାବିତ ବର୍ଦ୍ଧିତ ଘର ଟିକସ ବନ୍ଦ ପାଇଁ ନାରାବାଜି କରିଥିଲେ। ରାଜସ୍ୱ କମିଶନରଙ୍କ ଅନୁପସ୍ଥିତିରେ ତାଙ୍କ ସଚିବଙ୍କୁ ଦାବିପତ୍ର ଦିଆଯାଇଥିଲା।

ସୂଚନାଯୋଗ୍ୟ, ୨୦୨୦-୨୧ ଆର୍ଥିକ ବର୍ଷରୁ ରେଶମ ନଗରୀ ବ୍ରହ୍ମପୁରରେ ହୋଲ୍‌ଡିଂ ଟିକସ ବହୁ ପରିମାଣରେ ବୃଦ୍ଧି ପାଇବ। ସମସ୍ତ ପ୍ରସ୍ତୁତି ସରିଛି ଏବଂ ବିଏମ୍‌ସି ୱେବ୍‌ସାଇଟରେ ଅପଲୋଡ କରାଯାଇଛି। ସର୍ବନିମ୍ନ ହୋଲଡିଂ ଟିକସ ୬୦୦ ଟଙ୍କା ଦେବାକୁ ପଡ଼ିବାର ବ୍ୟବସ୍ଥା ହୋଇଛି। ଫଳରେ ଗରିବ ଓ ମଧ୍ୟବିତ୍ତଙ୍କ ଉପରେ ଚଡ଼କ ପଡ଼ିବାର ସ୍ପଷ୍ଟ ହୋଇଯାଇଛି। ଏହି ଖବର କେବଳ ଧରିତ୍ରୀର ଫେବୃୟାରୀ ୨୩ ତାରିଖରେ ପ୍ରକାଶ ପାଇଥିଲା। ଫଳରେ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ପ୍ରଥମ କରି ଓକିଲଙ୍କ ପକ୍ଷରୁ ବିରୋଧ କରାଯାଇଛି। ଜନ ଆନ୍ଦୋଳନ ପାଇଁ ଜିଲା କଂଗ୍ରେସର ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଛି। ବାମପନ୍ଥୀ ସିପିଆଇ ଓ ସିପିଏମ୍ ବର୍ଦ୍ଧିତ ଟିକସ ବିରୋଧରେ ଆନ୍ଦୋଳନକୁ ଓହ୍ଲାଇବାର ସୂଚନା ମିଳିଛି।

ଅପରପକ୍ଷରେ ଦୀର୍ଘଦିନରୁ ବିଏମ୍‌ସିର ମଇଳା ବୁହା ଗାଡ଼ି ସବୁ ୱାର୍ଡର ସାହିକୁ ସାହି ବୁଲି ଘରଗୁଡିକରୁ ଆବର୍ଜନା ସଂଗ୍ରହ କରୁଛି। ଏଥିପାଇଁ ଆସନ୍ତା ମାସରୁ ମହାନଗର ନିଗମ ପକ୍ଷରୁ ପ୍ରତ୍ୟେକ ଘରୁ ମାସିକ ୫୦ ଟଙ୍କା ଲେଖାଏ ୟୁଜର୍ସ ଫି ଆଦାୟକୁ ମଧ୍ୟ ଆଇନଜୀବୀଙ୍କ ପକ୍ଷରୁ ପ୍ରତିବାଦ କରାଯାଇଛି। ନିଷ୍ପତ୍ତି କାର୍ଯ୍ୟକାରୀ ନ କରିବା ପାଇଁ ଦାବି କରାଯାଇଛି।




ଡିଆଇଜିଙ୍କ ଅଫିସ ଆଗରେ ଭାରତୀୟ ବିକାଶ ପରିଷଦର ବିକ୍ଷୋଭ ।

## ନିଆଁ ଦାଉରୁ ଜଙ୍ଗଲ ସୁରକ୍ଷା ଲାଗି ସଚେତନତା

ଆର.ଉଦୟଗିରି,୩।୩(ଡି.ଏନ.ଏ.)

ଆର.ଉଦୟଗିରି ବନବିଭାଗ ପକ୍ଷରୁ ସୋମବାର ନିଆଁ ଦାଉରୁ ଜଙ୍ଗଲକୁ ସୁରକ୍ଷା କରିବା ପାଇଁ ସଚେତନ କରାଯାଇଛି। ସ୍ଥାନୀୟ ରେଞ୍ଜର ନୀଳାଦ୍ରୀ ଭୂଇଁଙ୍କ ତତ୍ତ୍ୱାବଧାନରେ ଏକ ରାଲିରେ ଗ୍ରାମ ପରିକ୍ରମା କରି ଜଙ୍ଗଲ ସୁରକ୍ଷା ରଖିବାକୁ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ଗ୍ରାମରେ ସାପ୍ତାହିକ ହାଟ ଥିବାରୁ ହାଟକୁ ଆସିଥିବା ପଥଚାରୀମାନଙ୍କୁ ଗ୍ରାମର ବିଭିନ୍ନ ଜାଗାରେ ସଭା ମାଧ୍ୟମରେ ଜଙ୍ଗଲ ସୁରକ୍ଷିତ ରଖିବା ପାଇଁ ବୁଝାଇଥିଲେ। ନିଆଁ ଲାଗିଲେ ଜଙ୍ଗଲରେ ଥିବା ଜୀବଜନ୍ତୁଙ୍କ ମୃତ୍ୟୁ ହେବା ସହ ଔଷଧ ଗଛ ଗୁଡିକ ପୋଡି ନଷ୍ଟ ହୋଇଯିବ। ଏହା ଆମର କ୍ଷତି ହେଉଛି, ଆମେ ଜଙ୍ଗଲ ସୁରକ୍ଷା ରଖିଲେ ଆମେ ସୁରକ୍ଷିତ ରହିପାରିବା ବୋଲି ଲୋକମାନଙ୍କୁ ବୁଝାଇଥିଲେ। ଏଥିରେ ଆର.ଉଦୟଗିରି ବନବିଭାଗର ଫରେଷ୍ଟର ପି.ଭେଙ୍କେଟ ରାମଣା, ପିରିମଳ ଫରେଷ୍ଟ ରାଧାକାନ୍ତ ମିଶାଲ, ଖଜୁରିପଦା ଫରେଷ୍ଟ ତ୍ରିନାଥ ଚୌଧୁରୀ, ଫରେଷ୍ଟ ଗାର୍ଡ ମଜେସ ଶବର, ବିଦ୍ୟୁଲତା ସୁବୁଦ୍ଧି ପ୍ରମୁଖ ବନବିଭାଗର କର୍ମଚାରୀମାନେ ସାମିଲ ଥିଲେ।

# ବେଆଇନ ହସ୍ପିଟାଲ, ନର୍ସିଂହୋମ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ବ୍ରହ୍ମପୁର ଅଫିସ,୩।୩

ସହରରେ ବଢ଼ି ଚାଲିଥିବା ବେଆଇନ ନର୍ସିଂହୋମ୍‌ଗୁଡିକ ଉପରେ ଅଙ୍କୁଶ ଲଗାଇବା ସହ ଗୁରୁଦେବ ନର୍ସିଂହୋମ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଭାରତୀୟ ବିକାଶ ପରିଷଦ ଦାବି କରିଛି। ଗୁରୁଦେବ ହସ୍‌ପିଟାଲରେ ଫେବୃୟାରୀ ୧୭ରେ ଚିକିତ୍ସା ଅବହେଳାରୁ ଐଶ୍ୱର୍ଯ୍ୟା ସିଂଦେଓଙ୍କର ମୃତ୍ୟୁ ଘଟିଥିଲା। ଅଭିଯୋଗ ପରେ ବୈଦ୍ୟନାଥପୁର ଥାନାରେ ନଂ. ୩୯/୨୦ ରେ ସମ୍ପୃକ୍ତ ଡାକ୍ତର ପ୍ରଭାତ କୁମାର ପାଣିଗ୍ରାହୀ ଓ ଗୁରୁଦେବ ନର୍ସିଂହୋମ ବିରୋଧରେ ପୋଲିସ ଏକ ମାମଲା ରୁଜୁକରି ଚୁପ୍ ରହିଛି। ମହିଳାଙ୍କ ମୃତ୍ୟୁ ପାଇଁ ନର୍ସିଂହୋମ୍ ମୁଖ୍ୟ ତ୍ରିନାଥ ସ୍ୱାଇଁ, ମାଲିକ କଳ୍ପନା ବରାଳ, ଡାକ୍ତର ପ୍ରଭାତ ପାଣିଗ୍ରାହୀ, ଜୁବୁଲି ସ୍ୱାଇଁ, ପ୍ରଭାତୀ ରାଣୀ ମିଶ୍ରଙ୍କୁ ତୁରନ୍ତ ଗିରଫ କରିବାକୁ ଭାରତୀୟ ବିକାଶ ପରିଷଦ ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ଦାବି କରିଛନ୍ତି। ଗୁରୁଦେବ ହସ୍‌ପିଟାଲ ବେଆଇନ ଭାବେ କ୍ଲିନିକାଲ ଏଷ୍ଟାବ୍ଲିଶମେଣ୍ଟ ଆକ୍ଟର ଉଲ୍ଲଂଘନ କରି ରୋଗୀମାନଙ୍କ ଜୀବନ ସହ ଖେଳୁଥିବା ଅଭିଯୋଗ ହୋଇଛି। ବେଆଇନ ଭାବେ ଗୁରୁଦେବ ହସ୍‌ପିଟାଲକୁ ଅନୁମତି ଦେବାରେ ସହଯୋଗ କରିଥିବା ଜିଲା ପ୍ରଶାସନ ମୁଖ୍ୟ ଓ ତତ୍କାଳୀନ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ପରିଷଦ ପକ୍ଷରୁ ଦକ୍ଷିଣାଞ୍ଚଳ ରେଞ୍ଜ ଡ଼ିଆଇଜି ସତ୍ୟବ୍ରତ ଭୋଇଙ୍କ ନିକଟରେ ଦାବି କରିଛନ୍ତି। ଆଗାମୀ ୩ ଦିନ ଭିତରେ ଦାବି ପୂରଣ ନ ହେଲେ ଡ଼ିଆଇଜିଙ୍କ ଅଫିସ ସମ୍ମୁଖରେ ଅନଶନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହାସହିତ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନିଆଯିବ ବୋଲି ପାଣିଗ୍ରାହୀ କହିଛନ୍ତି। ଏଥିରେ ଗୁରୁଚରଣ ପାତ୍ର, ରାଜେନ୍ଦ୍ର ଦଳବେହେରା, ସୂର୍ଯ୍ୟ ନାରାୟଣ ବେହେରା, ବୀରେନ ପଟ୍ଟନାୟକ, ମନୋଜ ବିଷୋୟୀ, ରମେଶ ଚନ୍ଦ୍ର ସାହୁ, ପି.କେ.ମିଶ୍ର, ଗୌରୀ ମହାନ୍ତି, ଜଗନ୍ନାଥ ମହାନ୍ତି, ଅବନୀ ଗୟା, ବାପି ସିଂଦେଓ, ହେମନ୍ତ ପଣ୍ଡା, ଆଦିତ୍ୟ ନାୟକ ଓ ହୃଷୀକେଶ ପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଭାଜପାର ଅଭିଯୋଗ : ପ୍ରତିଶ୍ରୁତି ପୂରଣରେ ସରକାର ବିଫଳ

**ଅସମ୍ପୂର୍ଣ୍ଣ ଜାନିବିଲି ପ୍ରକଳ୍ପ ଉଦ୍‌ଘାଟନକୁ ବର୍ଷେ**
- ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭିନ୍ନ ଅଧିକାରୀଙ୍କ ବିରୋଧରେ ଏତଲା

ବ୍ରହ୍ମପୁର ଅଫିସ,୩।୩

ଅସମ୍ପୂର୍ଣ୍ଣ ବୃହତ ଜାନିବିଲି ଜଳଯୋଗାଣ ପ୍ରକଳ୍ପ ଉଦ୍‌ଘାଟନକୁ ମଙ୍ଗଳବାର ବର୍ଷେ ପୂରିଛି। କିନ୍ତୁ ଏବେ ବି ପ୍ରକଳ୍ପ ଅସମ୍ପୂର୍ଣ୍ଣ ହୋଇ ରହିଛି। ନିର୍ବାଚନକୁ ଦୃଷ୍ଟିରେ ରଖି ବ୍ରହ୍ମପୁରବାସୀଙ୍କୁ ଭୁଆଁ ବୁଲାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୯ ମାର୍ଚ୍ଚ ୩ରେ ଅସମ୍ପୂର୍ଣ୍ଣ ଜାନିବିଲି ପ୍ରକଳ୍ପ ଉଦ୍‌ଘାଟନ କରିଥିବା ଭାଜପା ପକ୍ଷରୁ ମଙ୍ଗଳବାର ଅଭିଯୋଗ ହୋଇଛି। ପ୍ରତିଶ୍ରୁତି ପୂରଣ କରିବା ଦିଗରେ ସରକାର ବିଫଳ ହୋଇଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀଙ୍କ ସମେତ ପ୍ରକଳ୍ପ ଉଦ୍‌ଘାଟନୀ ଉତ୍ସବରେ ସାମିଲ ଥିବା ତତ୍କାଳୀନ ନଗର ଉନ୍ନୟନ ମନ୍ତ୍ରୀ, ଜିଲାପାଳ, ବିଏମ୍‌ସି କମିଶନର, ଜନସ୍ୱାସ୍ଥ୍ୟ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ନିର୍ବାହୀଯନ୍ତ୍ରୀ, ବ୍ରହ୍ମପୁର ବିଧାୟକ, ଗୋପାଳପୁର ବିଧାୟକ, ବ୍ରହ୍ମପୁର ଏମ୍‌ପି, ବିଡିଏ ଚେୟାରମ୍ୟାନଙ୍କ ବିରୋଧରେ ମାମଲା ରୁଜୁ କରି ଗିରଫ କରିବାକୁ ମଙ୍ଗଳବାର ଭାଜପା ଗଞ୍ଜାମ ଜିଲା ସ୍ୱାସ୍ଥ୍ୟ ସେଲ ପକ୍ଷରୁ ଦାବି କରାଯାଇଛି। ଏନେଇ ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତିଙ୍କ ନିକଟରେ ଦଳ ପକ୍ଷରୁ ଏତଲା ଦିଆଯାଇଛି। ଏତଲା ଦେବା ବେଳେ ଭାଜପା ଗଞ୍ଜାମ ଜିଲା ସ୍ୱାସ୍ଥ୍ୟ ସେଲ ସଭାପତି ରାମ କୁମାର ପାତ୍ର, ଯୁବମୋର୍ଚ୍ଚା ଜିଲା ସମ୍ପାଦକ କିରଣ କୁମାର ସାହୁ, ମଧୁସୂଦନ ସାହୁ, ପ୍ରଭାତ ଷଡ଼ଙ୍ଗୀ, ଶଙ୍କର ସାହୁ, ଶିବ ପ୍ରସାଦ ପାତ୍ର, ଶିବ ନାୟକ ଓ ଆଲୋକ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।



ବ୍ରହ୍ମପୁର ଏସ୍‌ଡିପିଓଙ୍କୁ ଏତଲା ଦିଆଯାଉଛି।

# ପରୀକ୍ଷାର ପ୍ରଥମ ଦିନ: ଓଡ଼ିଆରେ ୬ ମାଲପ୍ରାକ୍ଟିସ୍

**ଆରମ୍ଭ ହେଲା ଯୁକ୍ତ ୨ ପରୀକ୍ଷା**
- ଗଞ୍ଜାମ ଜିଲାରେ କପି କରି ଧରାପଡିଲେ ୩ ଛାତ୍ର

ବ୍ରହ୍ମପୁର ଅଫିସ,୩।୩

ଯୁକ୍ତ ୨ ପରୀକ୍ଷା ମଙ୍ଗଳବାରରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଯୁକ୍ତ ୨ ବିଜ୍ଞାନ ବିଭାଗର ମାତୃଭାଷା ଓଡିଆ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦକ୍ଷିଣାଞ୍ଚଳ ବିଭିନ୍ନ କେନ୍ଦ୍ରର ୬ ଜଣ ପରୀକ୍ଷାର୍ଥୀ କପି କରି ଧରାପଡିଥିବା ସୂଚନା ମିଳିଛି। ସେମାନଙ୍କ ମଧ୍ୟରେ ଗଞ୍ଜାମ ଜିଲାର ବିଭିନ୍ନ କେନ୍ଦ୍ରରେ କପି କରି ୩ ଛାତ୍ର ଧରାପଡିଛନ୍ତି। ଜିଲାର କୋଦଳା ସ୍ଥିତ ଲକ୍ଷ୍ମୀନାରାୟଣ ଉଚ୍ଚ ମାଧମିକ ବିଦ୍ୟାଳୟର ଜଣେ ଛାତ୍ର କପି କରୁଥିବା ବେଳେ ଜୋନାଲ ସ୍କ୍ୱାଡ୍ ହାତରେ ଧରା ପଡ଼ିଥିବା ବେଳେ ଭୁରା ସ୍ଥିତ ରାମ ନାରାୟଣ ଉଚ୍ଚ ମାଧମିକ ବିଦ୍ୟାଳୟର ୨ ଜଣ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ କପି କରି ଧରାପଡିଛନ୍ତି। ଏହାବ୍ୟତୀତ ଗଜପତି ଜିଲାରେ ଚାନ୍ଦିପୁଟ ସ୍ଥିତ ଇନ୍ଦିରା ସ୍ମାରକୀ ଉଚ୍ଚ ମାଧମିକ ବିଦ୍ୟାଳୟର ୩ ଜଣ ପରୀକ୍ଷାର୍ଥୀ ଜୋନାଲ ସ୍କ୍ୱାଡ୍ ହାତରେ କପି କରି ଧରାପଡ଼ି ଥିବା ଦକ୍ଷିଣାଞ୍ଚଳ ଉଚ୍ଚ ମାଧମିକ ଶିକ୍ଷା ପରିଷଦ ଉପସଚିବ ଡ. କୁଳମଣି ଓଝା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ମଙ୍ଗଳବାର ଦକ୍ଷିଣାଞ୍ଚଳ ଅଧୀନସ୍ଥ ଗଞ୍ଜାମ, ଗଜପତି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ବୌଦ୍ଧ ଓ କନ୍ଧମାଳ ଜିଲାରେ ୪୫ ପରୀକ୍ଷା ପରିଚାଳନା ହବ୍ ଅନ୍ତର୍ଗତ ୧୯୮ କେନ୍ଦ୍ରରେ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ଗଞ୍ଜାମ ଜିଲାରେ ୭୨ କେନ୍ଦ୍ରରେ ପରୀକ୍ଷା ହୋଇଥିଲା।

## ଯୁକ୍ତ ୨ ପରୀକ୍ଷା........................
# ଖୁସିବ୍ୟକ୍ତ କଲେ ଛାତ୍ରୀଛାତ୍ର

ଯୁକ୍ତ ୨ ପରୀକ୍ଷା ମଙ୍ଗବାରରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ବିଜ୍ଞାନ ଛାତ୍ରୀଛାତ୍ର ମାତୃଭାଷା ପରୀକ୍ଷା ଦେଇଥିଲେ। ପରୀକ୍ଷାର୍ଥୀଙ୍କ ପ୍ରଥମ ଦିନର ଅନୁଭୂତି କ'ଣ ରହିଛି, ଶୁଣିବା ସେମାନଙ୍କ ମୁହଁରୁ ।



ପ୍ରଥମ ପରୀକ୍ଷା ସାହିତ୍ୟ ଥିଲା, ବହୁତ ସହଜ ପ୍ରଶ୍ନ ପଡ଼ିଥିଲା । ମୁଁ ଲକ୍ଷ୍ୟ ରଖିଛି ମୋର ଏହି ପରୀକ୍ଷାରେ ୮୫ ରୁ ୯୦ ଶତକଡ଼ା ନମ୍ବର ରହିବ। ଯେହେତୁ ଆମର ମାତୃଭାଷା ଓଡ଼ିଆ ତେଣୁ ଏଥିରେ ଭଲ ନମ୍ବର ଆଣିବା ସହଜ ହେଇଥାଏ, ଫଳରେ ଭଲ ଗ୍ରେଡ୍ ଆସିବା ନିମନ୍ତେ ସହାୟକ ହୁଏ।

-ଅମିତ୍ କୁମାର ପାତ୍ର, ଛାତ୍ର



ପ୍ରଥମ ଥର ଲାଗି ପରୀକ୍ଷା କୋଠରିରେ ସିସିଟିଭି ଲାଗିଛି। ଫଳରେ ଭୟ ଲାଗୁଥିଲା । କିନ୍ତୁ ପରୀକ୍ଷା ବହୁତ ଭଲ ହୋଇଛି । ପ୍ରଶ୍ନ ମଧ୍ୟ ବହୁତ ସହଜ ଥିଲା ।

-ଶୁଭମ୍ ଦଳାଇ, ଛାତ୍ର



ପରୀକ୍ଷା ଭଲ ହୋଇଛି। ଏହା ପରେ ମୋର ସବୁ ପରୀକ୍ଷା ଭଲ ହେବ ବୋଲି ମୁଁ ଆଶାକରୁଛି । ମୁଁ ଦିନକୁ ୧୨ ଘଣ୍ଟା ପଢୁଥିଲି । ବାପା ମା'ଙ୍କର ଲକ୍ଷ୍ୟ ମୁଁ ଡାକ୍ତର ହେବି ବୋଲି । ଏହାକୁ ପୂରଣ କରିବା ପାଇଁ ଚେଷ୍ଟା କରିବି ।

-ସ୍ୱାଗତିକା ସାହୁ, ଛାତ୍ରୀ



ମାଟ୍ରିକ ପରି ଯୁକ୍ତ ୨ ପରୀକ୍ଷାରେ ପିଲାଙ୍କୁ ସେତେ ଡର ଲାଗେ ନାହିଁ । ବର୍ଷ ସାରା ପରୀକ୍ଷାକୁ ଦୃଷ୍ଟିରେ ରଖି ପିଲା ପାଠ ପଢିଥାନ୍ତି । ଆଉ ସବୁବେଳେ ପାଠରେ ମନ ଦେବା ପାଇଁ ବାପା, ମା' ଉପଦେଶ ଦେଇଥାନ୍ତି। ମୁଁ ଆଗରୁ ଜାଣିଛି ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ବହୁ କଡ଼ା କଡ଼ି ପରୀକ୍ଷା ପରିଚାଳନା ହୋଇଥାଏ। ଏହି ପ୍ରକାର ସମସ୍ତ ମହାବିଦ୍ୟାଳୟରେ ପରୀକ୍ଷା ପରିଚାଳନା ହେବାର ଆବଶ୍ୟକତା ରହିଛି।

-ରବୀନ୍ଦ୍ରନାଥ ଜେନା, ଅଭିଭାବକ



ଆମରି କେନ୍ଦ୍ରରେ ମୋଟ ୩୧୯ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । କପି ରୋକିବା ପାଇଁ ଗେଟ୍ ପାଖରେ ଯାଞ୍ଚ କରାଯାଇ ଭିତରକୁ ଛଡା ଯାଇଥିଲା। ଏହା ସହିତ ସମସ୍ତ କୋଠରିରେ ସିସିଟିଭି ଲଗାଯାଇଛି । ପ୍ରଶାସନିକ ଅଧିକାରୀ ଉପସ୍ଥିତିରେ ପ୍ରଶ୍ନପତ୍ର ଖୋଲା ଯାଇଥିଲା । ପ୍ରଥମ ଦିନରେ ପରୀକ୍ଷା ଭଲରେ ସରିବା ସହ ପିଲାମାନେ ମଧ୍ୟ ଖୁସି ବ୍ୟକ୍ତ କରିଛନ୍ତି।

-ପ୍ରମିଳା ଖାଡ଼ଙ୍ଗା, ଅଧକ୍ଷା, ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ

# ବ୍ରହ୍ମପୁରରେ ବିଜୁ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ

ବ୍ରହ୍ମପୁର ଅଫିସ,୩।୩

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ବ୍ରହ୍ମପୁରରେ ଆସନ୍ତା ୫ ତାରିଖରେ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପାଳନ କରାଯିବ। ଏଥିପାଇଁ ମଙ୍ଗଳବାର ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ସେହିଦିନ ପୂର୍ବାହ୍ନରେ ପ୍ରବାଦ ପୁରୁଷଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ସହରର ବୁଢ଼ୀ ଠାକୁରାଣୀ ମନ୍ଦିରରେ ଦୀପ ଦାନ କରାଯିବ। ବିଜୁ ପଟ୍ଟନାୟକ ପାର୍କରେ ସ୍ଥାପିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ନେତା ଓ କର୍ମୀ ସମୂହ ପ୍ରାର୍ଥନା କରିବେ। ଦେଶୀ ବେହେରା ବଜାର ଛକ ଓ ଆସିକା ରୋଡସ୍ଥ ପ୍ରତିମୂର୍ତ୍ତି ସ୍ଥଳରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ହେବ। ସିଟି ହସ୍‌ପିଟାଲରେ ରୋଗୀଙ୍କୁ ଫଳ ବଣ୍ଟନ କରାଯିବ।

ବୈଠକରେ ଶିବ ଶଙ୍କର ସାହାଣୀ, ସୁବାସ ଚନ୍ଦ୍ର ମହାରଣା, ରାମଚନ୍ଦ୍ର ପଣ୍ଡା, ଧନଞ୍ଜୟ ରାଓ, ସଂଘମିତ୍ରା ଦଳାଇଙ୍କ ସମେତ ଟି.ଗୋପୀ, ଅନିଲ ସାହୁ, ଜଗନ୍ନାଥ ସାବତ, ସଞ୍ଜିତ ପାଣିଗ୍ରାହୀ, କେ. ଅନୀଲ କୁମାର ଯୋଗ ଦେଇଥିଲେ। ଜିଲା ବିଜେଡି ସଭାପତି ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ସୂଚନାନୁସାରେ, ବିଜୁ ଜୟନ୍ତୀ ସବୁ ନିର୍ବାଚନ ମଣ୍ଡଳୀରେ ପାଳନ ହେବ। ମାର୍ଚ୍ଚ ୫ରୁ ଏପ୍ରିଲ ୧୭ ତାରିଖ ତାଙ୍କ ତିରୋଧାନ ଦିବସ ପର୍ଯ୍ୟନ୍ତ ଜିଲାର ବିଭିନ୍ନ ସ୍ଥାନରେ ଜୀବନବିନ୍ଦୁ କାର୍ଯ୍ୟକ୍ରମରେ ରକ୍ତଦାନ ଶିବିର ହେବ। ୫-ଟି ଏବଂ ମୋ ସରକାର କାର୍ଯ୍ୟକ୍ରମ ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରାଯିବ।

# ୧୨୯ ଦିନରେ ୬୭୦୦ କି.ମି. ଅତିକ୍ରମ

**ରକ୍ତଦାନ ସଚେତନତା ନେଇ ସାଇକେଲ ଯାତ୍ରା**
- ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ କୋଲ୍‌କାତା ଯାତ୍ରା ଶେଷ ଯୋଜନା
- ବ୍ରହ୍ମପୁରରେ ଜୟଦେବଙ୍କୁ ଏବିଭିଡିର ସମ୍ବର୍ଦ୍ଧନା

ବ୍ରହ୍ମପୁର ଅଫିସ, ୩।୩

ସ୍ୱେଚ୍ଛାକୃତ ରକ୍ତଦାନ ଦିଗରେ ସଚେତନ କରିବାକୁ ନେଇ ସାଇକେଲରେ ଭାରତ ଭ୍ରମଣରେ ବାହାରିଥିବା ଜୟଦେବ ରାଉତଙ୍କୁ ମଙ୍ଗଳବାର ବ୍ରହ୍ମପୁରରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଖଲ୍ଲିକୋଟ କଲେଜ ଖେଳପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଜୟଦେବଙ୍କୁ ସ୍ୱେଚ୍ଛାକୃତ ରକ୍ତଦାତା ସଂଘ, ଓଡିଶା(ଏବିଭିଡି) ତରଫରୁ ସମ୍ବର୍ଦ୍ଧନା ଦିଆଯାଇଛି। ଭଦ୍ରକ ଜିଲା ଧୂସୁରୀ ଗ୍ରାମରେ ଜନ୍ମିତ ଜୟଦେବ ବର୍ତ୍ତମାନ କଲିକତା ଝୋଟ କଳରେ କାର୍ଯ୍ୟରତ ଅଛନ୍ତି। ସେ ରକ୍ତଦାନ ସମ୍ପର୍କରେ ସଚେତନତା ସୃଷ୍ଟି ନେଇ କଲିକତାରୁ ୨୦୧୯ ନଭେମ୍ବର ୭ରେ ସାଇକେଲ ଯାତ୍ରାରେ ବାହାରିଥିଲେ। ୧୨୯ ଦିନ ମଧ୍ୟରେ ପଶ୍ଚିମବଙ୍ଗ, ଓଡିଶା, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, କର୍ନାଟକ, କେରଳ ଓ ତାମିଲନାଡୁ ଆଦି ସ୍ଥାନ ଭ୍ରମଣ କରି ପୁନର୍ବାର ଆନ୍ଧ୍ରପ୍ରଦେଶ ଦେଇ ସୋମବାର ରାତିରେ ବ୍ରହ୍ମପୁରରେ ପହଞ୍ଚିଛନ୍ତି। ସାଇକେଲରେ ସମୁଦାୟ ୯୦୦୦ କି.ମି.ପଥ ଅତିକ୍ରମ କରି ରକ୍ତଦାନ ଦିଗରେ ସଚେତନତା ବାର୍ତ୍ତା ପହଞ୍ଚାଇବାକୁ ଲକ୍ଷ୍ୟ ରଖିଥିବା ବେଳେ ସେ ବର୍ତ୍ତମାନ ସୁଦ୍ଧା ୬୭୦୦ କି.ମି. ପଥ ଅତିକ୍ରମ କରିଛନ୍ତି। ମାର୍ଚ୍ଚ ଦ୍ୱିତୀୟ ସପ୍ତାହ ସୁଦ୍ଧା ଆଉ ୨୩୦୦ କି.ମି. ପଥ ସାଇକେଲରେ ଅତିକ୍ରମ କରି ପୁଣି କୋଲ୍‌କାତାରେ ଏହି ଯାତ୍ରା ଶେଷ କରିବା ନେଇ ସେ ସୂଚାଇଛନ୍ତି। ସମ୍ବର୍ଦ୍ଧନା ଅବସରରେ ଜୟଦେବ ରକ୍ତଦାନର ବିଶେଷତ୍ୱ ଉପରେ ସଚେତନ କରି କହିଛନ୍ତି, ରକ୍ତର ବିକଳ୍ପ ନାହିଁ। ଥାଲାସେମିଆ ଓ ସିକଲ ସେଲ ରୋଗୀ, ଦୁର୍ଘଟଣାଗ୍ରସ୍ତ, ବିଭିନ୍ନ ଅସ୍ତ୍ରୋପଚାର ରୋଗୀଙ୍କ ଜୀବନ ରକ୍ଷା ପାଇଁ ପ୍ରତିମୁହୂର୍ତ୍ତରେ ରକ୍ତର ଆବଶ୍ୟକତା ରହିଛି। ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ଅଭାବ ଯୋଗୁ ଏହି ରୋଗୀମାନେ ବହୁ ସମୟରେ ମୃତ୍ୟୁମୁଖରେ ପଡୁଛନ୍ତି। ତେଣୁ ଥାଲାସେମିଆ ରୋଗୀ, ଦୁର୍ଘଟଣା ଗ୍ରସ୍ତ, ବିଭିନ୍ନ ଅସ୍ତ୍ରୋପଚାର ସମୟରେ ଆବଶ୍ୟକ ହେଉଥିବା ରକ୍ତର ଅଭାବ ପୂରଣ ପାଇଁ ପ୍ରତ୍ୟେକ ବ୍ୟକ୍ତି ରକ୍ତଦାନ କରିବାର ଆବଶ୍ୟକତା ରହିଛି। ଏହା ବ୍ୟତୀତ ରକ୍ତଦାନ ଦ୍ୱାରା ଅନ୍ୟର ଜୀବନ ରକ୍ଷା ସହ ରକ୍ତଦାତାଙ୍କର ମଧ୍ୟ ଉପକାର ହୋଇଥାଏ ବୋଲି ରାଉତ କହିଛନ୍ତି। କୌଣସି ଅନ୍ଧବିଶ୍ୱାସର ବଶବର୍ତ୍ତୀ ନ ହୋଇ ରକ୍ତଦାନ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଏବିଭିଡି ସଭାପତି ରାମକାନ୍ତ ରଥ, ସମ୍ପାଦକ ସୁଶାନ୍ତ ଘୋଷ, ଇ.ଟି. ରାଓ, ଜମ୍ବୁଲ ସୁରେଶ, ମନୋଜ କୁମାର ପାଢୀ, ବି.ଲକ୍ଷ୍ମୀ ନାରାୟଣ ପାତ୍ର, କେ. ନନ୍ଦେଷୁ ସେନାପତି, ଶ୍ୟାମ ସୁନ୍ଦର ଖାଡଙ୍ଗା, ଡ଼ି. ମୋହନ ରାଓଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।




ଏବିଭିଡି ପକ୍ଷରୁ ଖଲ୍ଲିକୋଟ କଲେଜ ପଡିଆରେ ଜୟଦେବଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି ।

## ସଂକ୍ଷେପରେ

### ବାଲି, ପଥର ବୋଝେଇ ୨ ଟ୍ରାକ୍ଟର ଜବତ

**୨୫,୩୫୦ ଟଙ୍କା ଜରିମାନା ଆଦାୟ**

**ପାଟପୁର,୩।୩:** ସାନଖେମୁଣ୍ଡି ବ୍ଲକ ପାଟପୁର ଅଞ୍ଚଳରୁ ମଙ୍ଗଳବାର ତହସିଲ କାର୍ଯ୍ୟାଳୟ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ପକ୍ଷରୁ ବେଆଇନ ପଥର ଓ ବାଲି ଚାଲାଣ କରାଯାଇଥିବା ୨ ଟ୍ରାକ୍ଟରକୁ ଜବତ କରାଯାଇଛି। ଏଥିପାଇଁ ଗାଡି ମାଲିକଙ୍କଠାରୁ ୨୫,୩୫୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ତହସିଲଦାର ଅମିତ କୁମାର ନାୟକ କହିଛନ୍ତି। ଦ୍ରୁତଗତିରେ ଯାଉଥିବା ପଥର ଓ ବାଲି ବୋଝେଇ ଟ୍ରାକ୍ଟରକୁ ତହସିଲଦାର ଅମିତ କୁମାର ନାୟକ, ରାଜସ୍ୱ ନିରୀକ୍ଷକ ଓ ରାଜସ୍ୱ କର୍ମଚାରୀମାନେ ଅଟକାଇ ତଲାସି କରିଥିଲେ। ରାଜସ୍ୱ ବିଭାଗ ପକ୍ଷରୁ ଟ୍ରାନ୍‌ଜିଟ ଫର୍ମ ନ ଥାଇ ବିନା ଅନୁମିତରେ ପଥର ଚାଲାଣ କରାଯାଉଥିବା ଅଭିଯୋଗରେ ଗାଡିକୁ ଧରିଥିଲେ।

### ଯୁକ୍ତ ୨ ପରୀକ୍ଷା, ୧୦ ଛାତ୍ରୀଛାତ୍ର ଅନୁପସ୍ଥିତ

**ହିଞ୍ଜିଳିକାଟୁ, ୩।୩ (ଡି.ଏନ୍.ଏ):** ମଙ୍ଗଳବାରରୁ ଯୁକ୍ତ ୨ ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଆରମ୍ଭ ହୋଇଛି। ହିଞ୍ଜିଳିକାଟୁ ବିଜ୍ଞାନ କଲେଜରେ ୪୯୪ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୪୮୪ ଜଣ ପରୀକ୍ଷା ଦେଇଛନ୍ତି। ୧୦ ଜଣ ମାତୃଭାଷା ପରୀକ୍ଷା ଦେଇନାହାନ୍ତି। ଏଥିସହ ଏସ୍‌ଏମ୍‌ଆଇଟି ଆଙ୍କୁଶପୁର ଓ ବ୍ରହ୍ମପୁର ବୀଣାପାଣୀ ଘରୋଇ କଲେଜ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ପରୀକ୍ଷା ହଲରେ ସିସିଟିଭି ଲଗାଯିବା ସହ କଡ଼ା ଯାଞ୍ଚ କରି ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ହଲ୍‌କୁ ଛଡ଼ା ଯାଇଛି ବୋଲି ଅଧ୍ୟକ୍ଷ ଡ ଅଜିତ କୁମାର ମିଶ୍ର କହିଛନ୍ତି।

### ମେଡିକାଲ ସମସ୍ୟା ନେଇ ମେଳି ବାନ୍ଧିଲେ ଅଞ୍ଚଳବାସୀ



**ବାଲିଗୁଡା,୩।୩(ଡି.ଏନ୍.ଏ.):** ଦୁର୍ଗମ ଅଞ୍ଚଳର ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ସରକାର ବହୁ ଯୋଜନା କରିବା ସହ ଉପାନ୍ତ ଅଞ୍ଚଳରେ ମେଡିକାଲ ଖୋଲିଛନ୍ତି। ମାତ୍ର ଏଠାରେ ଡାକ୍ତର ଅଭାବରୁ ରୋଗୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳୁନାହିଁ। ଫଳରେ ଅଞ୍ଚଳବାସୀ ଆନ୍ଦୋଳନ ପାଇଁ ମେଳିବାନ୍ଧିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି କୋଟଗଡ ବ୍ଲକ ସୁବର୍ଣ୍ଣଗିରି ଅଞ୍ଚଳରେ। କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ କୋଟଗଡ ବ୍ଲକର ଦୁର୍ଗମ ଆଦିବାସୀବହୁଳ ଅଞ୍ଚଳ ସୁବର୍ଣ୍ଣଗିରିରେ ପ୍ରତିଷ୍ଠା ହୋଇଥିଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରନ୍ତି ୧୦ ପଞ୍ଚାୟତର ପ୍ରାୟ ୫୦ ହଜାର ଲୋକ। ମାତ୍ର ଏଠାରେ ଏବେ ନା ଡାକ୍ତର ଅଛନ୍ତି ନା ଫାର୍ମାସିଷ୍ଟ। ଫଳରେ ଚିକିତ୍ସା ପାଇଁ ଆସୁଥିବା ରୋଗୀ ନିରାଶ ହୋଇ ଫେରୁଛନ୍ତି। ବର୍ଷବର୍ଷ ଧରି ଡାକ୍ତରଖାନାରେ ଏଭଳି ଅଚଳାବସ୍ଥା ଲାଗି ରହିଥିଲେ ମଧ୍ୟ ନା ପ୍ରଶାସନ ନା ରାଜନେତା କାହାରି ହେଲେ ନିଘା ନାହିଁ। ବାରମ୍ବାର ପ୍ରଶାସନକୁ ଜଣାଇ ନିରାଶ ହେବା ପରେ ଏବେ ଆନ୍ଦୋଳନ ପାଇଁ ମେଳି ବାନ୍ଧିଛନ୍ତି ସ୍ଥାନୀୟ ବାସିନ୍ଦା। ଏନେଇ ମଙ୍ଗଳବାର ଏକ ବୈଠକ କରି ଆଗାମୀ ୧୫ଦିନ ମଧ୍ୟରେ ଏଠାରେ ଡାକ୍ତର ଏବଂ ଆବଶ୍ୟକୀୟ କର୍ମଚାରୀ ନିଯୁକ୍ତ ନହେଲେ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

### ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଶେରଗଡ,୩।୩(ଡି.ଏନ୍.ଏ.):** ଶେରଗଡ ବ୍ଲକ ପିତ୍ତଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଛାତ୍ରୀମାନେ ଶିଖିଥିବା କୌଶଳ ପ୍ରଦର୍ଶନ କରିବା ପରେ ଏହାକୁ ଆବଶ୍ୟକ ସମୟରେ ପ୍ରୟୋଗ କରି ନିଜକୁ ରକ୍ଷା କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ମାଧବାନନ୍ଦ ପଣ୍ଡା, ସୁବ୍ରତ କୁମାର ପଣ୍ଡା ଯୋଗଦେଇ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା କୁସୁମଲତା ମହାପାତ୍ରଙ୍କ ସଂଯୋଜନାରେ ଅଧ୍ୟକ୍ଷ ପି. ଅନ୍ତର୍ଯ୍ୟାମୀ ପାତ୍ର ଉପସ୍ଥିତ ଥିଲେ।

# ବଢ଼ି ଚାଲିଛି କନ୍ଧମାଳ ପରିବା ଚାଷୀଙ୍କ ଦୁଃଖ

**ରାକେଶ କୁମାର ରାଉତ**
**ଫୁଲବାଣୀ ଅଫିସ, ୩।୩**

- କାର୍ଯ୍ୟକ୍ଷମ ହେଉନି ଶୀତଳ ଭଣ୍ଡାର
- ୩୦ ହଜାର ହେକ୍ଟର ଜମିରେ ହେଉଛି ପନିପରିବା
- ରାଜ୍ୟ ବଜାରରେ ରହିଛି ରାଇକିଆ ବିନ୍ସର ଚାହିଦା

ପନି ପରିବା ଉତ୍ପାଦନ ଏବଂ ଏହାର ଗୁଣବତ୍ତା ପାଇଁ କନ୍ଧମାଳ ଜିଲା ରାଜ୍ୟରେ ପ୍ରସିଦ୍ଧ। ଏଠାରେ ଉତ୍ପାଦିତ ପନିପରିବାର ବେଶ୍ ଚାହିଦା ରହିଛି। ଏଠାରୁ ଉତ୍ପାଦିତ କୋବି ଏବଂ ବିନ୍ସର ଚାହିଦା ସବୁଠୁ ଅଧିକ। ଉତ୍ପାଦନ ଓ ଚାହିଦା ଥାଇ ମଧ୍ୟ ଚାଷୀଙ୍କ ଦୁଃଖ ଦୂର ହେଉନି। ଭୁବନେଶ୍ୱର, ବ୍ରହ୍ମପୁର, ଦଶପଲ୍ଲା, ନୟାଗଡର ବ୍ୟବସାୟୀ କନ୍ଧମାଳ ଚାଷୀଙ୍କଠାରୁ କମ୍ ଦରରେ ପରିବା କିଣି ନେଇ ଚଢ଼ା ଦାମରେ ବିକି ମୁନାଫା ଉଠାଉଛନ୍ତି। ଚାଷୀମାନେ ଅଭାବୀ ବିକ୍ରିର ଶୀକାର ହେଉଛନ୍ତି। କାରଣ ଚାଷୀଙ୍କ ଉତ୍ପାଦିତ ପନିପରିବା ସଂରକ୍ଷଣ ପାଇଁ ଏଠାରେ ଶୀତଳ ଭଣ୍ଡାର ନାହିଁ।

କନ୍ଧମାଳ ଜିଲାର ପାହାଡିଆ ମୃତ୍ତିକା ତଥା ଜଳବାୟୁ ପରିବା ଚାଷ ପାଇଁ ଅନୁକୂଳ। ବିଶେଷ କରି ଜିଲାର ଟିକାବାଲି, କ.ନୂଆଗାଁ, ରାଇକିଆ, ଜି.ଉଦୟଗିରି, ଫିରିଙ୍ଗିଆ, ଫୁଲବାଣୀ ଅଞ୍ଚଳରେ ଚାଷୀମାନେ ପନିପରିବା ଚାଷ କରୁଛନ୍ତି। ଉଦ୍ୟାନ କୃଷି ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଜିଲାରେ ୩୦ ହଜାର ହେକ୍ଟର ଜମିରେ ପନିପରିବା ଚାଷ ହେଉଛି। ସେଥିରୁ ୧୫ ହଜାର ହେକ୍ଟର ଜମିରେ ଫଳ ଚାଷ ସହ ଅନ୍ତଃଚାଷ ଭାବେ ପନିପରିବା ହେଉଛି। ବାର୍ଷିକ ଏକ ହେକ୍ଟର ଜମିରୁ ପ୍ରାୟ ୫୦ ହଜାର ଟଙ୍କାର ପନିପରିବା ଉତ୍ପାଦନ ହେଉଛି। ପନିପରାବି ଚାଷ ପାଇଁ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ମଧ୍ୟ ବିଭିନ୍ନ ପ୍ରୋତ୍ସାହନ ଦିଆଯାଉଛି। ଫୁଲ କୋବି, ବନ୍ଧା କୋବି, ବିନ୍ସ୍, ଭେଣ୍ଡି, କାଙ୍କଡ, ବାଇଗଣ ଆଦି ଅନେକ କିଶମର ପରିବା ଚାଷ ହେଉଛି। ରାଜ୍ୟର ବିଭିନ୍ନ ବଜାରରେ ରାଇକିଆ ବିନ୍ସର ବେଶ୍ ଚାହିଦା ରହିଛି। ଏହାକୁ ଜିଆଇ ଟ୍ୟାଗ୍ ପାଇଁ ମଧ୍ୟ ଉଦ୍ୟାନ କୃଷି ବିଭାଗ ମଧ୍ୟ ଉଦ୍ୟମ ଆରମ୍ଭ କରିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଜଳବାୟୁ ଅନୁକୂଳ ଥିବାରୁ ଏଠାରେ ଅଦିନରେ ମଧ୍ୟ ପ୍ରଚୁର ପରିମାଣର ଫୁଲକୋବି ଓ ବିନ୍ସ ଉତ୍ପାଦନ ହୋଇଥାଏ।

ପ୍ରଚୁର ପରିମାଣରେ ପରିବା ଉତ୍ପାଦନ ହେଉଥିଲେ ମଧ୍ୟ ଏହାକୁ ସଂରକ୍ଷଣ କରାଯାଇ ପାରୁନାହିଁ। ଜିଲାରେ ଥିବା ଶୀତଳ ଭଣ୍ଡାରକୁ କାର୍ଯ୍ୟକ୍ଷମ କରାଯାଇ ପାରୁନାହିଁ। ପନିପରିବା ଦୁଇ ତିନି ଦିନରେ ପଚି ଯାଉଥିବାରୁ ଚାଷୀ ବାଧ ହୋଇ ବାହାରର ବ୍ୟବସାୟୀଙ୍କୁ କମ୍ ଦାମରେ ବିକୁଛନ୍ତି। ଜିଲାରେ ପରିବା ଚାଷର ସମ୍ଭାବନା ଦେଖି ୧୯୮୧ ମସିହାରେ ଜି.ଉଦୟଗିରି ଠାରେ ଏକ ଶୀତଳ ଭଣ୍ଡାର ପ୍ରତିଷ୍ଠା ହୋଇଥିଲା। ଏହା ଦ୍ୱାରା ଟିକାବାଲି, ଜି.ଉଦୟଗିରି, ରାଇକିଆ, ଚକାପାଦ ବ୍ଲକ ଅଞ୍ଚଳର ଚାଷୀ ଉପକୃତ ହେଉଥିଲେ। ଏହାର ପରିଚାଳନାଗତ ତ୍ରୁଟି ଯୋଗୁ ତଥା ଅତ୍ୟଧିକ ବିଦ୍ୟୁତ ବିଲ୍ ଯୋଗୁ ୧୦ ବର୍ଷ ପରେ ବନ୍ଦ ହୋଇଗଲା। ସେହିପରି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡିଏ) ପକ୍ଷରୁ ବିଭିନ୍ନ ବ୍ଲକରେ ମିନି ଶୀତଳ ଭଣ୍ଡାର (୨୫ ମେଟ୍ରିକ୍ ଟନ) ପ୍ରତିଷ୍ଠା ହୋଇଛି। ମାତ୍ର ଏହାର ପରିଚାଳନା ପାଇଁ ଫାର୍ମର ସୋସାଇଟି ଗଠନ ହୋଇ ପାରୁନାହିଁ ଅବା କେହି ମିଳୁ ନ ଥିବାରୁ ତାହା କାର୍ଯ୍ୟକାରୀ ହେଇ ପାରୁନାହିଁ ବୋଲି ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ବୀରେନ୍ଦ୍ର କୁମାର ଦାସ କହିଛନ୍ତି।

ସେହିପରି ସରକାର ଏପିସିଆରଓ (ଏଗ୍ରିକଲଚର ପ୍ରଡକ୍ସନ କ୍ଲଷ୍ଟର ଇନ୍ ଟ୍ରାଇବାଲ ରିଜିଓନ ଅଫ ଓଡିଶା) ଯୋଜନା ଆରମ୍ଭ କରିଛନ୍ତି। ଏଥିରେ ରାଜ୍ୟର ୧୨ଟି ଆଦିବାସୀ ପାହାଡିଆ ଜିଲାର ୪୦ଟି ବ୍ଲକକୁ ସାମିଲ କରାଯାଇଛି। କନ୍ଧମାଳ ଜିଲାର ଫୁଲବାଣୀ, ବାଲିଗୁଡା ଓ କ.ନୂଆଗାଁ ବ୍ଲକ ଏହି ଯୋଜନାରେ ସାମିଲ ହୋଇଛି। ୨୦୦ ମହିଳାଙ୍କୁ ନେଇ ଗୋଟିଏ ଲେଖାଏ ପ୍ରଡ୍ୟୁସର୍ସ ଗ୍ରୁପ୍ ଗଠନ କରାଯିବ। ଏହି ଗ୍ରୁପ୍‌କୁ ପରିବା ଚାଷ ପାଇଁ ସମସ୍ତ ପ୍ରକାର ସହୟତା ପ୍ରଦାନ ସହ ଶୀତଳ ଭଣ୍ଡାର ପରିଚାଳନା ଭାର ପ୍ରଦାନ କରାଯିବ। ସମସ୍ତ ପ୍ରଡ୍ୟୁସର ଗ୍ରୁପ୍‌କୁ ନେଇ ପ୍ରଡ୍ୟୁସର୍ସ କମ୍ପାନୀ ଗଠନ ହେବ। ଯିଏ ଉତ୍ପାଦନର ଗ୍ରେଡିଙ୍ଗ ଓ ମାର୍କେଟିଂ କରିବ। ତାହା ମଧ୍ୟ ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ।

**ସେମାନେ ଯାହା କୁହନ୍ତି**

“ବହୁ ସମସ୍ୟା ମଧ୍ୟ ଦେଇ ଚାଷୀ ପରିବା ଚାଷ କରନ୍ତି। ପ୍ରଥମେ ଜଳ ସମସ୍ୟା, ଦ୍ୱିତୀୟରେ ରୋଗପୋକ ଓ ତୃତୀୟରେ ଗାଇଗୋରୁଙ୍କ ଠାରୁ ଫସଲ ରକ୍ଷା କରିବା। ଫସଲ ଉତ୍ପାଦନ ହେବାପରେ ପୁଣି ଏହାର ବଜାର ସୁବିଧା ନ ଥିବାରୁ ଆମକୁ ପରିଶ୍ରମର ମୂଲ୍ୟ ମିଳୁନାହିଁ। ସରକାର ବଜାର ବ୍ୟବସ୍ଥା କଲେ ଆମେ ପରିଶ୍ରମର ଉଚିତ୍ ମୂଲ୍ୟ ପାଇପାରନ୍ତୁ।

**ଅଜିତ ନାୟକ, ଚାଷୀ, ଗୁମାଗଡ**

“ଫଳ ଓ ପରିବା ଚାଷ ପାଇଁ ସରକାର ସବୁ ପ୍ରକାର ପ୍ରୋତ୍ସାହନ ଦେଉଛନ୍ତି। ହେଲେ ଏହାକୁ ସଂରକ୍ଷଣ ରଖିବା କିମ୍ବା ଉଚିତ ମୂଲ୍ୟରେ ବିକ୍ରି କରିବାର କୌଣସି ବ୍ୟବସ୍ଥା ନାହିଁ। ଫଳରେ ବାହାର ବ୍ୟବସାୟୀମାନେ ଆସି ଆମ ଠାରୁ ବହୁ କମ୍ ଦାମ୍‌ରେ ପରିବା କିଣି ନିଅନ୍ତି। ଆମେ ମଧ୍ୟ ବାଧ ହେଉଛୁ ଦେବା ପାଇଁ। ଶୀତଳ ଭଣ୍ଡାର ବ୍ୟବସ୍ଥା କଲେ ଆମେ ଉତ୍ପାଦିତ ପନିପରିବାର ଉପଯୁକ୍ତ ମୂଲ୍ୟ ପାଆନ୍ତୁ।

**ଗାୟତ୍ରୀ ପ୍ରଧାନ, ଚାଷୀ, ଗୁଦାରୀ**

### ୭ ଇଟାଭାଟି ସିଲ୍ କଲେ ଉପଜିଲାପାଳ

**ଚିକିଟି,୩।୩(ଡି.ଏନ.ଏ.)**

ବ୍ରହ୍ମପୁର ଉପଜିଲାପାଳ ସିନ୍ଦେ ଦତ୍ତାତ୍ରେୟ ଭାଉସାହେବ ମଙ୍ଗଳବାର ଚିକିଟି ତହସିଲ ଇଲାକାର ବିଭିନ୍ନ ସ୍ଥାନ ଗସ୍ତ କରିଥିଲେ। ଚିକିଟିଗଡ-ଟାମଣା ରାସ୍ତାରେ ଥିବା ନିଗମାନନ୍ଦ ଆଶ୍ରମ ନିକଟରେ ଦୀର୍ଘଦିନ ଧରି ଚାଲିଥିବା ବେଆଇନ୍ ପଥର କୁଆଁରିରେ ଚଢାଉ କରି ଏକ ଟ୍ରାକ୍ଟର ସହିତ କଂପ୍ରେସର ଜବତ କରିଛନ୍ତି। ଏଥିସହିତ ଚିକିଟି ମୁଖ୍ୟ ବଜାର ଦେଇ ଚାଲାଣ ହେଉଥିବା ୬ ବାଲି, ଇଟା ବୋଝେଇ ଟ୍ରାକ୍ଟର ଏବଂ ନୂଆପଡା ରାଜସ୍ୱ ଅଧୀନ ବୈଦ୍ୟନାଳଶାସନ ନିକଟରେ ଥିବା ୭ ଇଟାଭାଟିକୁ ଉପଜିଲାପାଳ ସିଲ୍ କରିଥିଲେ। ଏଥିସହ ଏକ ଜେସିବିକୁ ମଧ୍ୟ ଜବତ କରାଯାଇଛି। ଚଢାଉ ବେଳେ ଚିକିଟି ତହସିଲ୍‌ଦାର ହରପ୍ରସାଦ ଭୋଇ, ଅତିରିକ୍ତ ତହସିଲ୍‌ଦାର ଡ. ଶକ୍ତିପ୍ରସାଦ ଶ୍ରୀଚନ୍ଦନଙ୍କ ସମେତ ନୂଆପଡା ଓ ଚିକିଟି ରାଜସ୍ୱ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଚିକିଟି ତହସିଲ୍‌ଦାର ହରପ୍ରସାଦ ଭୋଇଙ୍କୁ ଯୋଗାଯୋଗ ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ୪ ଇଟା ବୋଝେଇ ଟ୍ରାକ୍ଟରରୁ ୮୦ ହଜାର ଟଙ୍କା ଜରିମିନା ଆଦାୟ କରାଯାଇଥିବା ବେଳେ ଅନ୍ୟସବୁ ଗାଡିଗୁଡିକୁ ଚିକିଟି ଫାଣ୍ଡି ଓ ନୂଆପଡା ଫାଣ୍ଡିକୁ ଜିମା ଦିଆଯାଇଥିବା କହିଛନ୍ତି।

## ହୁଗୁଳାପଙ୍ଗା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ କାଟ ଖାଇଲା

**କୁକୁଡ଼ାଖଣ୍ଡି,୩।୩(ଡି.ଏନ.ଏ.)**



ଉପସ୍ଥିତ ଜନ ପ୍ରତିନିଧି।

କୁକୁଡ଼ାଖଣ୍ଡି ବ୍ଲକ ହୁଗୁଳାପଙ୍ଗା ସରପଞ୍ଚ ପ୍ରଦୀପ ମଲଣାଙ୍କ ବିରୋଧରେ ୭ ଜଣ ୱାର୍ଡସଭ୍ୟ ଗତ ଫେବୃୟାରୀ ୩ ତାରିଖରେ ଅନାସ୍ଥା ପ୍ରସ୍ତାବ ନେଇ ବ୍ରହ୍ମପୁର ଉପଜିଲାପାଳଙ୍କୁ ପ୍ରଦାନ କରିଥିଲେ। ହୁଗୁଳାପଙ୍ଗା ପଞ୍ଚାୟତରେ ୧୫ଜଣ ୱାର୍ଡସଭ୍ୟ ରହିଥିବା ବେଳେ ଦୁଇ ତୃତୀୟାଂଶ ୱାର୍ଡସଭ୍ୟଙ୍କ ସମର୍ଥନ ମିଳିଲେ ହିଁ ଅନାସ୍ଥା ପ୍ରସ୍ତାବ ଗୃହୀତ ହେବାକୁ ନେଇ ୧୨ ତାରିଖ ଦିନ ବିପକ୍ଷ ଗୋଷ୍ଠୀର ଅନାସ୍ଥା ଉପରେ ଶୁଣାଣି ପାଇଁ ଉପଜିଲାପାଳ ଡାକିଥିଲେ। କିନ୍ତୁ ୭ଜଣ ୱାର୍ଡସଭ୍ୟ ହିଁ ସରପଞ୍ଚଙ୍କ ବିପକ୍ଷରେ ଥିଲେ। କିନ୍ତୁ ବ୍ରହ୍ମପୁର ଉପଜିଲାପାଳ ଗତ ଫେବୃଆରୀ ୧୩ ତାରିଖରେ ସରପଞ୍ଚଙ୍କୁ ନିଜ ବହୁମତ ସାବ୍ୟସ୍ତ କରିବାକୁ ଡାକିଥିବା ବେଳେ ସରପଞ୍ଚଙ୍କ ସପକ୍ଷରେ ୮ଜଣ ସଭ୍ୟ ଉପସ୍ଥିତ ଥିଲେ। ସରପଞ୍ଚ ନିଜ ପଦ କାଏମ ରଖିଥିବା ଉପଜିଲାପାଳ ସିନ୍ଦେ ଦତ୍ତାତ୍ରେୟ ଭାଉସାହେବ କହିଥିଲେ। କିନ୍ତୁ ଅନସ୍ଥାପ୍ରସ୍ତାବ ପରେ ଉକ୍ତ ପଞ୍ଚାୟତରେ ବିଜେଡି ଭାଜପା ମଧ୍ୟରେ ଛକାପଞ୍ଝା ଲାଗିରହିଥିଲା। ଏଥିପାଇଁ ବ୍ରହ୍ମପୁର ଉପଜିଲାପାଳଙ୍କ ନିର୍ଦ୍ଦେଶ ପ୍ରକାରେ ମଙ୍ଗଳବାର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସ୍ୱତନ୍ତ୍ର ବୈଠକ ହେବାର ସ୍ଥିର କରାଯାଇଥିଲା। ଏହି ବୈଠକରେ ସରପଞ୍ଚଙ୍କ ବିରୋଧରେ କେବଳ ୭ଜଣ ୱାର୍ଡ ସଭ୍ୟ ଉପସ୍ଥିତ ଥିଲେ। ଯାହା ଫଳରେ ଉପଯୁକ୍ତ କୋରମ ଅଭାବରୁ ବୈଠକଟି ହୋଇପାରି ନ ଥିଲା। ତେଣୁ ସରପଞ୍ଚଙ୍କ ବିରୋଧରେ ଆସିଥିବା ଅନସ୍ଥାପ୍ରସ୍ତାବ ଉପରେ ମତଦାନ କାର୍ଯ୍ୟକ୍ରମ ହୋଇପାରିଲା ନାହିଁ। ଫଳରେ ହୁଗୁଳାପଙ୍ଗା ସରପଞ୍ଚଙ୍କ ପଦବୀ ପୂର୍ବଭଳି ବଜାୟ ରହିଥିଲା। କୁକୁଡ଼ାଖଣ୍ଡି ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ରଙ୍କ ନେତୃତ୍ୱରେ ସରପଞ୍ଚଙ୍କ ସମର୍ଥନରେ ନାଏବ ସରପଞ୍ଚ ଅସରି ସାହୁ, ପି. ପାର୍ବତୀ ପାତ୍ର, ଅକ୍ଷୟ ସେଠୀ, ଟି.ସନ୍ତୋଷି ପାତ୍ର, ସୁଶିଳା ରାଉଳ, ରଜନୀ ସ୍ୱାଇଁ, ସୁମତି ସାହୁ ଓ ବାବୁ ଦାସ ପ୍ରମୁଖ ସଭ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ରହ୍ମପୁର ଏମ୍‌ପି ପ୍ରତିନିଧି ଟି.ରଘୁ ପାତ୍ର, ସରପଞ୍ଚ ସଂଘ ସଭାପତି ସାରଥୀ ଗୌଡ଼, ସମବୟବିତ ସୁଧିର ରାଉତ, କୁକୁଡ଼ାଖଣ୍ଡି ସରପଞ୍ଚ ଏ.ଚେନେୟା ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱତନ୍ତ୍ର ବୈଠକରେ ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ତରଫରୁ ପ୍ରାଧିକରଣ ଅଧିକାରୀ ଡି.ମଲେଶ୍ୱର ପାତ୍ର, କୁକୁଡ଼ାଖଣ୍ଡି ବ୍ଲକ ଜିପିଇଓ ବିଜୟ କୁମାର ପ୍ରଧାନ ଓ ପିଇଓ ପ୍ରଶାନ୍ତ ପାଣିଗ୍ରାହୀ ଉପସ୍ଥିତ ଥିଲେ।

### ଘୋଡ଼ାହାଡ଼ ପାଣି ପଞ୍ଚାୟତ ଚକ କମିଟି ନିର୍ବାଚନ

**ଦିଗପହଣ୍ଡି,୩।୩(ଡି.ଏନ.ଏ.)–** ଦିଗପହଣ୍ଡିସ୍ଥିତ ଘୋଡ଼ାହାଡ଼ ପାଣି ପଞ୍ଚାୟତ ଚକ ଓ କାର୍ଯ୍ୟନିର୍ବାହୀ କମିଟି ନିର୍ବାଚନ ମଙ୍ଗଳବାର ଶେଷ ହୋଇଛି। ଖମାରିଗାଁ ସ୍ଥିତ ମା’ ରାମଚଣ୍ଡୀ ପାଣି ପଞ୍ଚାୟତ ଚକ କମିଟି ନିର୍ବାଚନ ପାଇଁ ଦୀର୍ଘଦିନ ହେଲା ୨ ଚାଷୀ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ନିର୍ବାଚନରେ ମୋଟ ୩୦ ସଭ୍ୟାସଭ୍ୟ ଅଂଶଗ୍ରହଣ କରିଥିଲେ। ଶଙ୍କରଖାଲି ଗ୍ରାମର ସନ୍ତୋଷ କୁମାର ସାହୁ ପ୍ରତିପକ୍ଷ ଖମାରି ଗାଁର ଉଜ୍ଜଳ ମହାପାତ୍ରଙ୍କୁ ପରାଜିତ କରି ଚକ କମିଟି ସଭାପତି ଭାବେ ନିର୍ବାଚିତ ହୋଇଥିବା ଜଣାପଡିଛି। ସନ୍ତୋଷ ସର୍ବାଧିକ ୨୪ ଖଣ୍ଡ ଭୋଟ ପାଇଥିବା ବେଳେ ଉଜ୍ଜ୍ୱଳ ମାତ୍ର ୬ ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲେ। ଘୋଡ଼ାହାଡ଼ ଜଳସେଚନ ଉପଖଣ୍ଡ କାର୍ଯ୍ୟାଳୟ ଭାରପ୍ରାପ୍ତ ଉପ ନିର୍ବାହୀ ଯନ୍ତ୍ରୀ ଇଂ.ଗିରିଶ ଚନ୍ଦ୍ର ଶତପଥୀ, ସହକାରୀ ଯନ୍ତ୍ରୀ ଇଂ.ନିରଞ୍ଜନ ସାହୁ, ଇଂ.ସୁଶାନ୍ତ ମହାପାତ୍ର, ଇଂ. କ୍ଷୀରୋଦ ଚନ୍ଦ୍ର ବେହେରା ଓ ଅନ୍ୟାନ୍ୟ କର୍ମଚାରୀ ବୃନ୍ଦ ନିର୍ବାଚନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉତ୍ତେଜନା ସୃଷ୍ଟି ହେବା ଆଶଙ୍କାରେ କେ. ନୂଆଗାଁ ଥାନା ପକ୍ଷରୁ ପୋଲିସ ମୁତୟନ କରାଯାଇଥିଲା। ଗତ ଜାନୁୟାରୀ ୧୯ ତାରିଖ ଠାରୁ ଆରମ୍ଭ ହୋଇଥିବା ସମୁଦାୟ ୨୧ଟି ପାଣି ପଞ୍ଚାୟତ ଚକ ଓ କାର୍ଯ୍ୟନିର୍ବାହୀ କମିଟି ନିର୍ବାଚନ ଶେଷ ହୋଇଥିବା ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଆସନ୍ତା ସପ୍ତାହରେ ପାଣି ପଞ୍ଚାୟତ ଶୀର୍ଷ କମିଟି ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ପଦବୀ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଉପ ନିର୍ବାହୀ ଯନ୍ତ୍ରୀ ଜଣାଇଛନ୍ତି।

## ବ୍ଲକସ୍ତରୀୟ ଜନଶୁଣାଣି ଶିବିର




ଶିବିରରେ ମଞ୍ଚାସୀନ ବ୍ଲକ ଅଧ୍ୟକ୍ଷା ଓ ଅନ୍ୟ ଅଧିକାରୀମାନେ।

**ଖଲ୍ଲିକୋଟ,୩।୩(ଡି.ଏନ.ଏ.)**

ଖଲ୍ଲିକୋଟ ପଞ୍ଚାୟତ ସମିତି ବୈଠକ ଗୃହରେ ମଙ୍ଗଳବାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ମିନାକ୍ଷୀ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଛତ୍ରପୁରରୁ ଆସିଥିବା ଏପିଡି କୃଷ୍ଣଚନ୍ଦ୍ର ପଣ୍ଡା, ଜିଲା ସାମାଜିକ ସମୀକ୍ଷକ ଡି. ରବୀନ୍ଦ୍ର ମଲାଣ, ବିଡିଓ ନବକୃଷ୍ଣ ଜେନା, ଉପାଧ୍ୟକ୍ଷ ଏ. ପ୍ରକାଶ ପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ସଚ୍ଚିଦାନନ୍ଦ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଶିବିରରେ ଏମ୍‌ଜିଏନ୍‌ଆର୍‌ଜିଏସ୍‌ରେ ଦିଆଯାଉଥିବା ଦୈନିକ ମଜୁରୀ ବୃଦ୍ଧି ପାଇଁ ଦାବି କରାଯାଇଥିଲା। ବ୍ଲକ ଅନ୍ତର୍ଗତ କେତକ ଗ୍ରାମରେ ବାର୍‌ହା, ହରିଣ ଉପଦ୍ରବ କରୁଥିବା, ଚାରା ରୋପଣରେ ବ୍ୟାପକ ଅନିୟମିତତା ହୋଇଥିବା ବହୁ ସଭ୍ୟ ପ୍ରକାଶ କରିଥିଲେ। ଚଳିତ ବର୍ଷ ୨୦୧୯-୨୦ ଆର୍ଥିକ ବର୍ଷରେ ସାଧାରଣ ଏବଂ ବ୍ୟକ୍ତିଗତ ୧୧୯୧ କାର୍ଯ୍ୟ ହାତକୁ ନିଆଯାଇଥିଲା। ଏଥିରୁ ୫୮୧ ପ୍ରକଳ୍ପ ପୂର୍ଣ୍ଣାଙ୍ଗ ହୋଇଥିବା ସୂଚନା ଦିଆଯାଇଛି। ଶିବିରରେ ଜଳ ବିଭାଜିକା ଅଧିକାରୀ ଇପ୍‌ସିତା ମିଶ୍ର, ଯୋଗାଣ ଅଧିକାରୀ ଧୀରେନ ସାହୁଙ୍କ ସମେତ ସମସ୍ତ କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ କର୍ମ ନିଯୁକ୍ତି ପରାମର୍ଶ ଶିବିର

**ପାଟପୁର,୩।୩(ଡି.ଏନ.ଏ.)**

ସାନଖେମୁଣ୍ଡି ବ୍ଲକ କାର୍ଯ୍ୟାଳୟ ପ୍ରାଙ୍ଗଣରେ ମଙ୍ଗଳବାର ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଦିନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ଆନୁକୂଲ୍ୟରେ ସାନଖେମୁଣ୍ଡି ବିଇଓ ଗାୟତ୍ରୀଦତ୍ତ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ସାନଖେମୁଣ୍ଡି ବ୍ଲକ ଅଧ୍ୟକ୍ଷା ସଙ୍ଗୀତା ବେହେରା ଉଦ୍‌ଘାଟନ କରିଥିଲେ। ଶିବିରରେ ୧୦୦ରୁ ଉର୍ଦ୍ଧ୍ୱ ଯୁବତୀ ଯୁବକ ନାମ ପଞ୍ଜୀକରଣ କରିଥିଲେ। ୧୮ରୁ ୩୫ ବର୍ଷ ଯୁବତୀ ଯୁବକଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ଆତ୍ମନିଯୁକ୍ତି ସମ୍ପର୍କିତ ତାଲିମ ଦିଆଯିବ। ସେମାନେ ଆତ୍ମନିଯୁକ୍ତି ଯୋଜନା ମାଧ୍ୟମରେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ବିଡିଓ କହିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ଗୋବିନ୍ଦ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ଶଙ୍କର୍ଷଣ ସ୍ୱାଇଁ, ସମିତିସଭ୍ୟ ରାଜେଶ ଦୋରା ଓ ୧୩ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ବ୍ଲକ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ୩ କେନ୍ଦ୍ରରେ ପରୀକ୍ଷା ଦେଲେ ୩୨୮ ଛାତ୍ରୀଛାତ୍ର

**ଯୁକ୍ତ ୨ ବିଜ୍ଞାନ ପରୀକ୍ଷା**

**ଆସିକା,୩।୩ (ଡି.ଏନ୍.ଏ.)**

ଆସିକା ବ୍ଲକ ଓ ଏନଏସିର ୩ କଲେଜରେ ଯୁକ୍ତ ୨ବିଜ୍ଞାନ ପରୀକ୍ଷା ଆରମ୍ଭ ହୋଇଛି। ଆସିକା ବିଜ୍ଞାନ କଲେଜ କେନ୍ଦ୍ରରେ ୨୧୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩ ଅନୁପସ୍ଥିତ ଥିଲେ। କେନ୍ଦୁପଦରସ୍ଥିତ ଏନ.ବି.ସି. କଲେଜରେ ୫୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଜଣେ ଓ ନିରଞ୍ଜନ ସରକାରୀ ମହିଳା କଲେଜରେ ୫୯ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଆସିକା କଲେଜରେ ଅଧ୍ୟକ୍ଷ ତାରାପ୍ରସାଦ ଦାସ, ଏନବିସି କଲେଜରେ ଅଧ୍ୟକ୍ଷ ସନ୍ତୋଷ କୁମାର ଆପଟ୍ଟ ଓ ନିରଞ୍ଜନ ମହିଳା କଲେଜରେ ଅଧ୍ୟକ୍ଷ ଗଣେଶ୍ୱର ମାଝି ପରୀକ୍ଷା ପରିଚାଳନା କରିଥିଲେ।

## ଟାବଲା ବାଦକଙ୍କୁ ପ୍ରଶଂସାପତ୍ର ଦେଲେ ଜିଲାପାଳ



ଜିଲାପାଳ ପ୍ରଶଂସାପତ୍ର ଦେଉଛନ୍ତି।

**ଛତ୍ରପୁର, ୩।୩(ଡି.ଏନ.ଏ.)**

ସାଧାରଣତନ୍ତ୍ର ଦିବସ ଅବସରରେ ନୂଆଦିଲ୍ଲୀଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବ୍ରହ୍ମପୁରର ଦୀପ୍ତ ସୁନ୍ଦର ଟାବଲା ବଜାଇ ସମସ୍ତଙ୍କ ମନ ଜିଣିଥିଲେ। ଭାରତ ଓ ବ୍ରାଜିଲର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ ଓ ୩ ସେନା ମୁଖ୍ୟଙ୍କ ସମ୍ମୁଖରେ ସେ ଟାବଲା ବଜାଇଥିଲେ। ଏପରିକି ସେ ଭାଗ ନେଇଥିବା ଜୁନିୟର ବିଭାଗର ଓଡିଶା ସାଂସ୍କୃତିକ ଦଳ ପ୍ରଥମ ସ୍ଥାନ ଅଧିକାର କରିଥିଲା। କୁନି ଟାବଲା ବାଦକ ଭାବେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ବିଭିନ୍ନ ବ୍ୟକ୍ତିବିଶେଷ ତାଙ୍କୁ ପ୍ରଶଂସାପତ୍ର ଦେଇ ସମ୍ମାନିତ କରିଥିଲେ। ମଙ୍ଗଳବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ତାଙ୍କୁ ପ୍ରଶଂସାପତ୍ର ଦେଇ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ପରେ ସ୍ଥାନୀୟ ବିଧାୟକ ସୁବାସ ଚନ୍ଦ୍ର ବେହେରା ମଧ୍ୟ ଦୀପ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଛତ୍ରପୁର ବ୍ଲକ ଅଧ୍ୟକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ, ଉପାଧ୍ୟକ୍ଷା ଅମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଭାଇବ୍ରେଟର ମେଶିନ କିଣାରେ ଦୁର୍ନୀତି ଅଭିଯୋଗ

**ଦାରିଙ୍ଗବାଡ଼ି,୩।୩(ଡି.ଏନ୍.ଏ.)**



ଦାରିଙ୍ଗବାଡ଼ି ପଞ୍ଚାୟତର ଗୋଦାମ ଗୃହ ଭିତରେ ଥିବା ଭାଇବ୍ରେଟର ମେଶିନ।

- ମାର୍କେଟ ଦରଠାରୁ ୨ ଗୁଣରେ କିଣା ହୋଇଛି
- ବିନା କୋଟେଶନରେ କିଣାଯାଇଥିବାରୁ ଭିଜିଲାନ୍ସ ତଦନ୍ତ ଦାବି
- ବହୁ ପଞ୍ଚାୟତ ନେବାକୁ ମନାକଲେ

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳର ୨୫ ପଞ୍ଚାୟତର ଆୟ ବୃଦ୍ଧି ସହ କଂକ୍ରିଟ କାର୍ଯ୍ୟରେ ସୁଧାର ଆଣିବା ପାଇଁ ଭାଇବ୍ରେଟର ମେଶିନ କିଣା ଯାଇଛି। ପଞ୍ଚାୟତ ପକ୍ଷରୁ ଏହାକୁ ଭଡାରେ ଲଗାଯାଇ ଆୟ ବୃଦ୍ଧି ଲକ୍ଷରେ ଏସବୁ କିଣାଯାଇଥିଲା। ମାତ୍ର ମାର୍କେଟ ଦର ଠାରୁ ୨ଗୁଣ ଓ ବିନା କୋଟେଶନରେ କିଣା ଯାଇଥିବାରୁ ଏଥିରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ଆସିଛି। ବହୁ ପଞ୍ଚାୟତ ଏହାକୁ ନେବାକୁ ମନା କରୁଥିବାବେଳେ ଏହାର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି।

ପ୍ରକାଶ ଯେ, ୨୫ ପଞ୍ଚାୟତ ପାଇଁ ଏହି ମେଶିନ କିଣାଯାଇଥିବାବେଳେ ହାତଗଣତି କେତେକ ପଞ୍ଚାୟତ ନେଇଛନ୍ତି। ପର୍ତ୍ତମାହା ପଞ୍ଚାୟତରେ ଉକ୍ତ ମେଶିନ ଆଣିବା ଦିନରୁ ହିଁ ଅଚଳ ହୋଇପଡ଼ିଛି। ଏହାକୁ ମରାମତି କରାଯିବ ବୋଲି ପଞ୍ଚାୟତ ନିର୍ବାହୀ ଅଧିକାରୀ କବିରାଜ କହଁର କହିଛନ୍ତି। ଉକ୍ତ ମେଶିନର ମାର୍କେଟ ଦର ୨୦ ହଜାର ଟଙ୍କା ଥିବାବେଳେ ୩୬୫୦୦ଟଙ୍କା ବିଲ୍ କରାଯାଇଛି। ୯ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାରେ କିଣାଯାଇଥିଲେ ମଧ୍ୟ ଜିଲାପାଳଙ୍କ କୌଣସି ନିର୍ଦ୍ଦେଶ କିମ୍ବା ଡିଲରମାନଙ୍କ ଠାରୁ କୋଟେଶନ ଅଣାଯାଇନାହିଁ। ଜଣେ ଡିଲରଙ୍କ ଠାରୁ ଏହା କିଣାଯାଇଥିବାରୁ ବ୍ୟାପକ ଅର୍ଥ ହେରଫେର ହୋଇଥିବା ଓ ଏହାର ଭିଜିଲାନ୍ସ ତଦନ୍ତ କରାଯିବା ଆବଶ୍ୟକ ବୋଲି ସରପଞ୍ଚମାନେ କହିଛନ୍ତି। ପଞ୍ଚାୟତରେ ମଧ୍ୟ ଏନେଇ କୌଣସି ରେଜୁଲେସନ କରାଯାଇନାହିଁ। ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରବୀନ୍ଦ୍ରନାଥ ବେହେରା ଉକ୍ତ ମେଶିନ ପାଇଁ ୩୬,୫୦୦ ଟଙ୍କା ପଞ୍ଚାୟତ ପକ୍ଷରୁ ଡିପୋଜିଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏତେ ଦରରେ ମେଶିନ ନେବାକୁ ପଞ୍ଚାୟତ କର୍ତ୍ତୃପକ୍ଷ ଅରାଜି ହେଉଥିବାବେଳେ ଚାପ ସୃଷ୍ଟି କରାଯାଉଥିବା ସରପଞ୍ଚ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ କହିଛନ୍ତି। ଏବେ ସିମନବାଡ଼ି ପଞ୍ଚାୟତ କାର୍ଯ୍ୟାଳୟ ଭିତରେ ବାଡାବାଙ୍ଗା ପଞ୍ଚାୟତ ସମେତ ତିଲୋରୀ, ବୁଡାଗୁଡ଼ା, ଗୁମିକିଆ, କିରିକୁଟି ଏବଂ ସିମନବାଡ଼ି ପଞ୍ଚାୟତର ଭାଇବ୍ରେଟ ମେଶିନ ଗୁଡ଼ିକ ପଡ଼ିରହିଛି। ସେହିପରି ଦାରିଙ୍ଗବାଡ଼ି ପଞ୍ଚାୟତ ଗୋଦାମ ଗୃହରେ ମଧ୍ୟ ଏକାଧିକ ପଞ୍ଚାୟତର ମେଶିନ ପଡ଼ି ରହିଛି।

ଏନେଇ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ବେହେରାଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ଯେ, ତାଙ୍କୁ ଉକ୍ତ ମେଶିନ କିଣିବା ପାଇଁ ସହକାରୀ ନିର୍ବାହୀ ଯନ୍ତ୍ରୀ ପରାମର୍ଶ ଦେଇଥିଲେ। ଏନେଇ ତାଙ୍କର କୌଣସି ଧାରଣା ନ ଥିବାରୁ ସେ ବ୍ରହ୍ମପୁରରୁ ଏକ ଡିଲରଙ୍କ ଠାରୁ କିଣି ଆଣିଥିଲେ। ସମସ୍ତ ବିଲ୍ ତାଙ୍କ ପାଖରେ ରହିଥିବା ସେ କହିଛନ୍ତି।

ଏନେଇ ସହକାରୀ ନିର୍ବାହୀ ଯନ୍ତ୍ରୀ ବନ୍ଧୁବାନ ବେହେରା କହିଛନ୍ତି ଯେ, ସେ କିଣିବା ପାଇଁ ପରାମର୍ଶ ଦେଇଥିଲେ। ତା’ ନୁହେଁ ଯେ ଯେ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏଥିରେ ସରକାରୀ ନିୟମକୁ ଉଲ୍ଲଘଂନ କରି କିଣିବେ। ମେଶିନର ଦାମ୍ ୧୭ ହଜାର ଟଙ୍କାରୁ ୨୦ ହଜାର ମଧ୍ୟରେ ରହିଥିବା ବେଳେ ସେ ଏତେ ଉଚ୍ଚ ଦରରେ କେମିତି କିଣିଲେ ତାହା ତଦନ୍ତ ପରେ ଜଣାପଡିବ ବୋଲି କହିଛନ୍ତି। ଯଦି ସେ ଏହାକୁ ଉଚ୍ଚ ଦରରେ କିଣିଥିବେ ଏବଂ ସରକାରୀ ନିୟମ ପ୍ରକାରେ କିଣାଯାଇ ନ ଥିବ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।ß ଏନେଇ କନ୍ଧମାଳ ଜିଲାପାଳ ଡ. ବୃନ୍ଦା ଡି. ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଅପହରଣ ପରେ ବ୍ୟବସାୟୀ ଉଦ୍ଧାର, ୩ ଗିରଫ

**ଭଞ୍ଜନଗର,୩।୩(ଡି.ଏନ.ଏ)**

ଗାଲେରିର ବ୍ୟବସାୟୀ ରଞ୍ଜିତ ବେହେରାଙ୍କୁ ସୋମବାର ସନ୍ଧ୍ୟାରେ ପାରିବାରିକ ବିବାଦରୁ କିଛି ଯୁବକ ଅପହରଣ କରି ନେଇଥିଲେ। ଗାଲେରି ଫାଣ୍ଡି ପୋଲିସ ସୂଚନା ପାଇ ତୁରନ୍ତ ପଦକ୍ଷେପ ନେଇ ବିଳମ୍ବିତ ରାତିରେ ବୁଗୁଡା ଓଡଗାଁ ରାସ୍ତାରୁ ରଞ୍ଜିତଙ୍କୁ ଉଦ୍ଧାର କରିଥିଲା। ଏଥିସହ ଏହି ମାମଲାରେ ୩ ଜଣଙ୍କୁ ଗିରଫ କରାଯାଇଛି। ଆଉ ୪ଜଣ ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ମଧ୍ୟ ଗିରଫ ପାଇଁ ପୋଲିସ ଚେଷ୍ଟା ଚଳାଇଛି। ନଂ.୪୩।୨୦ରେ ଏକ ମାମଲା ରୁଜୁକରି ଅଧିକ ତଦନ୍ତ ଚାଲିଛି। ଗିରଫ ଅଭିଯୁକ୍ତମାନେ ଭଞ୍ଜନଗର, ଗାଙ୍ଗପୁର ଓ ବ୍ରହ୍ମପୁରର ବୋଲି ଜଣାପଡିଛି।

ପ୍ରକାଶ ଯେ, ରଞ୍ଜିତଙ୍କର ଓଡଗାଁ ଅଞ୍ଚଳର ଜଣେ ସମ୍ପର୍କୀୟ ସହ ପାରିବାରିକ ବିବାଦ ଥିଲା। ତାଙ୍କୁ ଆଣି ସମସ୍ୟାର ସମାଧାନ କରିବେ ବୋଲି ସେମାନେ ଭାବିଥିଲେ। ସୋମବାର ସନ୍ଧ୍ୟାରେ ରଞ୍ଜିତ ନିଜ ଗ୍ରୀଲ ଦୋକାନରେ ଥିବାବେଳେ ଏକ ବୋଲେରୋରେ ୭ଜଣ ଯୁବକ ଆସି ରଞ୍ଜିତଙ୍କୁ ଜବରଦସ୍ତ ଗାଡିରେ ବସାଇ ନେଇଯାଇଥିଲେ। ଏହାପରେ ତାଙ୍କ ପରିବାର ଲୋକେ ପୋଲିସକୁ ସୂଚନା ଦେବାପରେ ପୋଲିସ ତୁରନ୍ତ ପଦକ୍ଷେପ ନେଇ ତାଙ୍କୁ ଉଦ୍ଧାର କରିଥିଲା।

ସେହିଭଳି ଗାଲେରୀ ଫାଣ୍ଡି ଅନ୍ତର୍ଗତ ଢ଼ୋଲପିଟାରେ ସୋମବାର ଦୁଇ ପଡୋଶୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏନେଇ ପୋଲିସ ନଂ.୪୧ ଓ ୪୨।୨୦ରେ ଦୁଇଟି ମାମଲା ରୁଜୁକରି ଉଭୟ ପକ୍ଷରୁ ୪ଜଣଙ୍କୁ ମଙ୍ଗଳବାର ଗିରଫ କରି ଭଞ୍ଜନଗର କୋର୍ଟ ଚାଲାଣ କରିଛି। ଉଭୟ ପରିବାର ମଧ୍ୟରେ କୌଣସି କଥାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉଭୟ ପକ୍ଷରୁ ୩ଜଣ ଆହତ ହୋଇଥିଲେ।




## ବିବାହ ପୂର୍ବରୁ ୨ କନ୍ୟା ନିଖୋଜ

**କୁକୁଡ଼ାଖଣ୍ଡି,୩।୩(ଡି.ଏନ୍.ଏ.)**

ବିବାହ ପୂର୍ବରୁ ଦୁଇ ପରିବାର ୨ଜଣ କନ୍ୟା ନିଖୋଜ ହୋଇଥିବା ସଦର ଥାନାରେ ଅଭିଯୋଗ ହୋଇଛି। ଉଭୟ ପରିବାରଙ୍କ ଏତଲାକ୍ରମେ ପୋଲିସ ନଂ.୧୭,୧୮/୨୦ରେ ୨ଟି ମାମଲା ରୁଜୁକରି ତଦନ୍ତ ଚଳାଇଥିବା ସଦର ଥାନାଧିକାରୀ ସନ୍ତୋଷୀନୀ ଓରାମ ସୂଚନା ଦେଇଛନ୍ତି। ବ୍ରହ୍ମପୁର ସଦର ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କ ମାର୍ଚ୍ଚ ୩ରେ ବାହାଘର ଥିଲା। ସେ ଫେବୃୟାରୀ ୨୮ରୁ ନିଖୋଜ ହୋଇଯାଇଛନ୍ତି। ସେହିପରି ଲାଞ୍ଜିପଲ୍ଲୀ ନିକଟ ବ୍ରହ୍ମପଲ୍ଲୀରେ ମାମୁ ଘରେ ରହି ପଢୁଥିବା ଅନ୍ୟ ଜଣେ ଝିଅଙ୍କ ମାର୍ଚ୍ଚ ୪ରେ ବାହାଘର ସ୍ଥିର ହୋଇଥିବାବେଳେ ସେ ଫେବୃୟାରୀ ୨୯ରୁ ନିଖୋଜ ଅଛନ୍ତି। ତେବେ ଦୁହିଁଙ୍କ ପରିବାର ଲୋକେ ବହୁ ଖୋଜାଖୋଜି ପରେ ସେମାନଙ୍କର ଖୋଜଖବର ନ ପାଇବାରୁ ବ୍ରହ୍ମପୁର ସଦର ଥାନାରେ ଏତଲା ଦେଇଥିଲେ।

## ଯୁକ୍ତ ୨ ପରୀକ୍ଷା ଦେଲେ ୨୫୨ ଛାତ୍ରୀଛାତ୍ର

**ବୁଗୁଡ଼ା,୩।୩(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକର ବିଭିନ୍ନ କଲେଜରେ ମଙ୍ଗଳବାର ୨୫୨ ଜଣ ଯୁକ୍ତ ଦୁଇ ବିଜ୍ଞାନ ଛାତ୍ରୀଛାତ୍ର ମାତୃଭାଷା ପରୀକ୍ଷା ଦେଇଛନ୍ତି। ବ୍ଲକର ୩ କେନ୍ଦ୍ରରେ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷା ହୋଇଥିଲା। ବୁଗୁଡ଼ା ପିପୁଲ୍ସ କଲେଜରେ ଯୁକ୍ତ ୨ ବିଜ୍ଞାନରେ ୧୬୯ ଜଣଙ୍କ ମଧ୍ୟରୁ ୧୬୮, ମାଣିତରା ଆଞ୍ଚଳିକ ବିଜ୍ଞାନ କଲେଜରେ ୫୨ ଏବଂ ବାଲିପଦର ଆଞ୍ଚଳିକ ବିଜ୍ଞାନ କଲେଜ କେନ୍ଦ୍ରରେ ୩୪ରୁ ମାତ୍ର ୩୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ